**ଖୁତ୍‌ବା ଜୁମା ୨ ଏପ୍ରିଲ୍ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

## ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବି ମାର୍ଗଦର୍ଶକ ଖଲିଫା, ଦୁଇ ଆଖିର ନୟନ ତାରା ହଜ୍‌ରତ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହ୍‌ମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା ଅବ୍ୟାହତ ରହିଛି । ଆଜି ମଧ ତାଙ୍କରି ଜୀବନୀ ସଂପର୍କରେ ଚର୍ଚ୍ଚା କରିବି । ହ. ଉସ୍‌ମାନ୍ ର.ଅ ବହୁତ ଲାଜକୁରା ଏବଂ ସତ୍ୟପ୍ରିୟ ବ୍ୟକ୍ତି ଥିଲେ । ରସୁଲ କରୀମ ସ.ଅ କହଲେ ମୋ ସଂପ୍ରଦାୟରେ ସର୍ବାଧିକ ଦୟାବାନ ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର ର.ଅ, ଧର୍ମରେ ସର୍ବାଧିକ ଦୃଢୀଭୂତ ବ୍ୟକ୍ତି ହ. ଉମର୍ ର.ଅ, ହ. ଉସ୍‌ମାନ୍ ର.ଅ ସର୍ବାଧିକ ଲଜ୍ଜାଶୀଳ ବ୍ୟକ୍ତି, ସର୍ବୋତ୍ତମ ବିଚାରକ, ପବିତ୍ର କୁରଆନ ସଂପର୍କରେ ଜ୍ଞାନୀ ବ୍ୟକ୍ତି ହେଉଛନ୍ତି ହ. ଉବେ ବିନ୍ କାଆବ୍ ର.ଅ, ବୈଧ ଏବଂ ଅବୈଧ ମଧ୍ୟରେ ଉତ୍ତମ ରୂପେ ଧାରଣା ରଖିଥିବା ବ୍ୟକ୍ତି ହେଉଛନ୍ତି ହ. ମୁଆଜ୍ ବିନ୍ ଜବଲ୍ ର.ଅ, ନିଜର କର୍ତ୍ତବ୍ୟବୋଧ ସଂପର୍କରେ ଅବଗତ ଥିବା ବ୍ୟକ୍ତି ହେଉଛନ୍ତି ହ. ସାବିତ୍ ବିନ୍ ର.ଅ । ଆଁହଜ୍‌ରତ ସ.ଅ କହିଲେ ଶୁଣ ! ପ୍ରତ୍ୟେକ ସଂପ୍ରଦାୟ ପାଇଁ ଗୋଟିଏ ସନ୍ତକ ରକ୍ଷାକାରୀ ବ୍ୟକ୍ତି ଥାଏ ଏବଂ ମୋ ସଂପ୍ରଦାୟରେ ସନ୍ତକ ରକ୍ଷାକାରୀ ବ୍ୟକ୍ତି ହେଉଛନ୍ତି ହ. ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର.ଅ ।

ହ. ଉସମାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜ ପରମେଶ୍ୱରଙ୍କ ନିକଟରେ ଦଶଟି ବସ୍ତୁ ଗୁପ୍ତ ରଖିଛି । ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଚତୁର୍ଥ ବ୍ୟକ୍ତି ଅଟେ । ନା ମୁଁ କେବେ ବାଜ୍ୟ ଗୀତ ଶୁଣିଛି ଓ ନା ମୁଁ କେବେ ମିଛ କଥା କହିଛି । ମୁଁ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ହସ୍ତରେ ବୈଅତ୍ କଲି ସେବେଠାରୁ ମୁଁ ନିଜ ଯୌନାଙ୍ଗକୁ ଦକ୍ଷିଣ ହସ୍ତରେ ସ୍ପର୍ଶ କରି ନାହିଁ । ଇସଲାମ୍ ଧର୍ମରେ ଦୀକ୍ଷତ ହେବା ପରଠାରୁ ଏପରି କୌଣସି ଦିନ ଅତିବାହିତ କରି ନାହିଁ ଯେଉଁ ଦିନ ମୁଁ କୌଣସି ଦାସକୁ ମୁକ୍ତ କରି ନାହିଁ । କେବଳ ଗୋଟିଏ ଜୁମାରେ ଯେଉଁ ଜୁମାରେ ମୁଁ କୌଣସି ଦାସକୁ ମୁକ୍ତ କରିପାରି ନଥିଲି । ସେହି ଦିନ ବ୍ୟତୀତ ଅନ୍ୟ ଦିନରେ ଦାସକୁ ମୁକ୍ତ କରୁଥିଲି । ମୁଁ ଅଶିକ୍ଷିତ ତଥା ନିରକ୍ଷର ଯୁଗରେ ଏବଂ ଇସଲାମ୍ ଧର୍ମରେ ଦୀକ୍ଷିତ ହେବା ପରେ କେବେ ବଳାତ୍କାର ଭଳି ଜଘଣ୍ୟ ପାପ କରି ନାହିଁ ।

ହ. ଅବ୍‌ଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ନବୀ କରୀମ ସ.ଅଙ୍କ ସହିତ ଏକ ଯୁଦ୍ଧରେ ସାମିଲ ଥିଲୁ କି ଲୋକମାନେ ଭୋକ ଉପାସରେ ଡ଼ହଳବିକଳ ହେଉଥିଲେ । ଅତଏବ୍ ଆଁହଜ୍‌ରତ ଯେତେବେଳେ ସାହାବାମାନଙ୍କର ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ସେତେବେଳେ ଆପଣ ସ.ଅ କହିଲେ ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ତୁମମାନଙ୍କ ପାଇଁ ରିଜକ୍ (ଖାଦ୍ୟ)ର ବ୍ୟବସ୍ଥା କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ହେବ ନାହିଁ । ହ. ଉସ୍‌ମାନ୍ ର.ଅ ଯେତେବେଳେ ଉକ୍ତ ସମ୍ବାଦ ସଂପର୍କରେ ସୂଚନା ପାଇଲେ ସେତେବେଳେ ଆପଣ କହିଲେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସଂପୂର୍ଣ୍ଣ ସତ୍ୟ କହିଛନ୍ତି । ଅତଏବ ହ. ଉସ୍‌ମାନ୍ ର.ଅ ଖାଦ୍ୟଶସ୍ୟ ସମେତ ୧୪ଟି ଓଟ କିଣିଲେ ଏବଂ ତନ୍ମଧ୍ୟରୁ ୯ଟି ଓଟ ଆଁହଜ୍‌ରତ ସ.ଅଙ୍କ ସେବାକୁ ପ୍ରେରଣ କରି ଦେଇଥିଲେ । ଫଳତଃ ରସୁଲୁଲ୍ଲାଃ ସ.ଅ ନିଜର ଦୁଇ ହସ୍ତ ଉପରକୁ ଉଠାଇଲେ । ଏପର୍ଯ୍ୟନ୍ତକି ଆଁହଜ୍‌ରତ ସ.ଅଙ୍କର କାଖର ଧବଳତା

ଦୃଶ୍ୟମାନ ହେଲା ଏବଂ ଆଁହଜ଼ରତ ସ.ଅ ହ. ଉସ୍‌ମାନ୍ ର.ଅଙ୍କ ପାଇଁ ଦୁଆ କଲେ । ଅତଏବ ମୁଁ ଆଁହଜ଼ରତ ସ.ଅଙ୍କୁ ଅନ୍ୟ କୌଣସି ବ୍ୟକ୍ତି ସପକ୍ଷରେ ଦୁଆ କରୁଥିବାର ନା ଦେଖିଛି ଓ ନା ଶୁଣିଛି । ସେହି ଦୁଆଟି ଏହିପରି ଥିଲା ଯେ, **ଅଲ୍ଲାଃହୁମ୍ମା ଆତି ଉସ୍‌ମାନା ଅଲ୍ଲାଃହୁମ୍ମା ଇଫଅଲ୍ ବିଉସ୍‌ମାନା** । ଅର୍ଥାତ ହେ ଅଲ୍ଲାଃ ଉସ୍‌ମାନ୍ ର.ଅଙ୍କୁ ଅତ୍ୟଧିକ ପ୍ରଦାନ କର, ହେ ଅଲ୍ଲାଃ ଉସ୍‌ମାନ ର.ଅଙ୍କ ଉପରେ ନିଜର କୃପା ଓ ଆଶିଷ ଅବତୀର୍ଣ୍ଣ କର ।

ହ.ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ଯେତେବେଳେ ମୋ ନିକଟକୁ ଆସିଲେ ସେତେବେଳେ ଆଁହଜ଼ରତ ମାଂସର ବ୍ୟଞ୍ଜନ ଦେଖିଲେ ଏବଂ ପ୍ରଶ୍ନ କଲେ ଯେ, ଏହି ମାଂସର ବ୍ୟଞ୍ଜନ କିଏ ପ୍ରେରଣ କରିଛି ? ମୁଁ ଉତ୍ତର ଦେଲି ଯେ, ଉସ୍‌ମାନ୍ ର.ଅ ପ୍ରେରଣ କରିଛନ୍ତି । ହ. ଆଏଶା ର.ଅ କହନ୍ତି ଯେ, ଆଁହଜ଼ରତ ସ.ଅ ପ୍ରତିକ୍ରିୟାପୂର୍ବକ ନିଜର ଦୁଇ ହାତ ଉଠାଇ ହ. ଉସ୍‌ମାନ୍ ର.ଅଙ୍କ ପାଇଁ ପ୍ରାର୍ଥନା କଲେ ।

ଇବ୍‌ନେ ସଇଦ୍ ବିନ୍ ୟର୍ବୁ କହନ୍ତି ଯେ, ମୁଁ ଛୋଟ ବାଳକ ଥିଲି ଏବଂ ମସ୍‌ଜିଦ୍‌ରେ ଖେଳୁଥିଲି । ଅପର ପକ୍ଷରେ ଜଣେ ବୃଦ୍ଧ ବ୍ୟକ୍ତି ନିଜ ମୁଣ୍ଡ ତଳେ ଇଟା ଦେଇ ବିଶ୍ରାମ ନେଉଥିଲେ । ମୁଁ ଯେତେବେଳେ ତାଙ୍କୁ ଆଶ୍ଚର୍ଯ୍ୟିତ ଚକ୍ଷୁରେ ଦେଖିବାକୁ ଲାଗିଲି ସେତେବେଳେ ସେ ନିଜର ଚକ୍ଷୁ ଖୋଲି ମୋତେ ପଚାରିଲେ ଯେ, ବାଳକ ! ତୁମେ କିଏ ? ଏହାପରେ ସେ ଜଣେ ବାଳକକୁ ଆଦେଶ ଦେଲେ ଏବଂ ତା ହାତରେ ହଳେ ବସ୍ତ୍ର ଏବଂ ଏକ ହଜାର ଦିରହମ୍ (ଆରବୀୟ ମୁଦ୍ରା) ମଗେଇଲେ ଏବଂ ସେହି ବସ୍ତ୍ର ଏବଂ ମୁଦ୍ରା ମୋତେ ପ୍ରଦାନ କଲେ । ସୁତରାଂ ମୁଁ ଯେତେବେଳେ ମୋ ପିତାଙ୍କ ନିକଟରେ ପହଞ୍ଚିଲି ସେତେବେଳେ ସେ ମୋତେ କହିଲେ ଯେ, ହେ ପୁତ୍ର ! ସେ ହେଉଛନ୍ତି ଅମୀରୁଲ୍ ମୁମିନ୍ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ।

ଇବନେ ଜରୀର୍ ବର୍ଣ୍ଣନା କରନ୍ତି ଯେ, ସେ ହ. ତଲହା, ହ. ଉସ୍‌ମାନ୍ ର.ଅଙ୍କୁ ଯେତେବେଳେ ସାକ୍ଷାତ୍ କଲେ ସେତେବେଳେ ସେ ମସ୍‌ଜିଦ୍ ଅଭିମୁଖେ ଯାଉଥିଲେ । ହ. ତଲହା ର.ଅ କହିଲେ ଆପଣ ମୋତେ ଯେଉଁ ପଚାଶ ହଜାର ଦିର୍‌ହମ୍ ଦେଇଥିଲେ ଏବଂ ମୋର ସେହି ଅର୍ଥ ପୈଠ କରିବା ବିଧେୟ ଥିଲା । ତେଣୁଁ ଉକ୍ତ ଅର୍ଥ ବର୍ତ୍ତମାନ ମୋ ନିକଟରେ ଉପଲବ୍ଧ ଏବଂ ଦେୟଯୋଗ୍ୟ ହୋଇ ପଡ଼ିଛି । ତେଣୁ ଏହାକୁ ଆଦାୟ କରିବା ନିମନ୍ତେ ଆପଣ କୌଣସି ବ୍ୟକ୍ତିକୁ ମୋ ନିକଟକୁ ପ୍ରେରଣ କରନ୍ତୁ । ପ୍ରତ୍ୟୁତ୍ତରରେ ହ. ଉସ୍‌ମାନ୍ ର.ଅ ତାଙ୍କୁ କହିଲେ ଆପଣଙ୍କର ଶିଷ୍ଟତା ଯୋଗୁଁ ସେହି ଅର୍ଥକୁ ମୁଁ ଆପଣଙ୍କୁ ଉପହାର ସ୍ୱରୂପ ଦେଇଦେଲି । ମୁଁ ତାକ ଫେରସ୍ତ ନେବି ନାହିଁ ।

ହ. ଉସ୍‌ମାନ୍ ର.ଅଙ୍କୁ ଐଶୀବାଣୀକୁ ଲିପିବଦ୍ଧ କରିବାର ମଧ ସୁଯୋଗ ପ୍ରାପ୍ତ ହେଲା । ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ଉସ୍‌ମାନ୍ ର.ଅଙ୍କୁ ରସୁଲ୍ କରୀମ୍ ସ.ଅଙ୍କ ସହିତ ପ୍ରଚଣ୍ଡ ଗ୍ରୀଷ୍ମ ରାତ୍ରରେ ଦେଖିଲି ଯେତେବେଳେ ଜିବ୍ରାଇଲ୍ ଅ.ସ ଐଶୀବାଣୀ ନେଇ ଅବତୀର୍ଣ୍ଣ କରୁଥିଲେ । ହ. ଉସ୍‌ମାନ୍ ର.ଅ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ସେହି ଐଶୀବାଣୀ ସବୁ ଲେଖି ଯାଉଥିଲେ ଏବଂ ହ. ଉସ୍‌ମାନ୍ ର.ଅଙ୍କୁ କହି ଯାଉଥିଲେ ଯେ, ହେ ଉସ୍‌ମାନ୍ ଲେଖ ! ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲା ରସୁଲ୍ କରୀମ୍ ସ.ଅଙ୍କୁ ଏଭଳି ବ୍ୟକ୍ତି ପ୍ରଦାନ କଲେ ଯିଏ ସମ୍ମାନିତ ଏବଂ ମର୍ଯ୍ୟାଦାବନ୍ତ ଥିଲେ । ଅର୍ଥାତ ହ. ଉସ୍‌ମାନ୍ ର.ଅ । ହ. ଅବୁ ବକ୍କର୍ ର.ଅଙ୍କ କାଳରେ ପବିତ୍ର କୁରଆନ୍ କରୀମ୍‌ର ଲିଖିତ ପୃଷ୍ଠାଗୁଡ଼ିକୁ ଏକତ୍ରିତ କରାଯାଇଥିଲା । ତାହା ହ. ଉମର୍ ଫାରୁକ୍ ର.ଅଙ୍କ ପରେ ହ. ହଫ୍‌ସା ବିନତ୍ ଉମର୍ ର.ଅଙ୍କ ନିକଟରେ ଥିଲା । ହ. ଉସ୍‌ମାନ୍ ର.ଅଙ୍କ ଶାସନରେ କିରଅତ୍‌ରେ ମତପାର୍ଥକ୍ୟତାକୁ ଦୃଷ୍ଟିରେ ରଖି ହ. ଉସ୍‌ମାନ୍ ର.ଅ ହଫ୍‌ସା ର.ଅଙ୍କ ନିକଟରୁ ଉଲ୍ଲିଖିତ ପୃଷ୍ଠାଗୁଡ଼ିକ ବରାଦ କରି ହ. ଜ୍ରୈଦ୍ ବିନ୍ ସାବିତ୍, ହ. ଅବଦୁଲ୍ଲା ବିନ୍ ଜୁବୈର, ହ. ସଇଦ୍ ବିନ୍ ଆସ୍ ଏବଂ ହ. ଅବ୍‌ଦୁର ରହେମାନ ବିନ୍ ହାରିସ ବିନ୍ ହଶ୍ଶାମ ର.ଅଙ୍କୁ ଆଦେଶ ଦେଲେ ଯେ, କୁରୈଶର ଅଭିଧାନ ଅନୁଯାୟୀ ସେହି ଉଲ୍ଲିଖିତ ଅଭିଲେଖଗୁଡ଼ିକର ପ୍ରତିଲିପି ପ୍ରସ୍ତୁତ କରନ୍ତୁ ଏବଂ ଉକ୍ତ ଅଭିଲେଖଗୁଡ଼ିକରୁ ଅବିକଳ ପ୍ରତିଲିପିର ଗୋଟିଏ ଗୋଟିଏ କିତା ନକଲ ଇସ୍‌ଲାମୀୟ ରାଷ୍ଟ୍ର ଆଡ଼କୁ ପ୍ରେରଣ କରି ଦେବାର ଆଦେଶ ଦେଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ **ସନୁକ୍‌ରିଉକା ଫଲା ତନ୍‌ସା** ପବିତ୍ର ଆୟତ୍‌ର ବ୍ୟାଖ୍ୟା କରି କହନ୍ତି: ଉକ୍ତ ଆୟତ୍‌ର ଅର୍ଥ ଏହିକି ଯେ, ହେ ମୁସଲମାନ ! ଆମ୍ଭେ ତୁମ୍ଭକୁ ଏପରି ଭାବରେ ଶିକ୍ଷାଦାନ କରିବୁ ଯାହା ଫଳରେ ତୁମେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଭୁଲିବ ନାହିଁ । ବରଂ ଉକ୍ତ ପବିତ୍ର ବଚନ ସେହିପରି ସୁରକ୍ଷିତ ରହିବ ଯେପରି ବର୍ତ୍ତମାନ ସମୟରେ ଉପସ୍ଥିତ ଏବଂ ସୁରକ୍ଷିତ ରହିଛି । ଉକ୍ତ ଦାବିର ପ୍ରମାଣ ଏହା ଯେ, ଇସ୍‌ଲାମ୍‌ର ଘୋର ଶତ୍ରୁ ମଧ ଆଜି ଖୋଲାଖୋଲି ଏହା ସ୍ୱୀକାର

କରୁଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ସେହିପରି ଅବସ୍ଥାରେ ସୁରକ୍ଷିତ ଅଛି ଯେପରି ଆଁହଜ଼ରତ ସ.ଅଙ୍କ କାଳରେ ତାହାକୁ ଉପସ୍ଥାପିତ କରିଥିଲେ । ନୋଲଡ଼କେ, ସ୍ପିଙ୍ଗର ଏବଂ ୱିଲିୟମ୍ ମିଓର ଆଦି ପ୍ରାଚ୍ୟ ତତ୍ତ୍ୱବିତ୍‌ମାନେ ସ୍ୱୀକାର କରିଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ସଂପର୍କରେ ଏହା କୁହାଯାଇ ପାରିବ ନାହିଁ ଯେ, ଯେଉଁ ଅବସ୍ଥାରେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ଅର୍ଥାତ ଆଁହଜ଼ରତ ସ.ଅ ପବିତ୍ର କୁରଆନ୍ ଉପସ୍ଥାପିତ କରିଥିଲେ, ତାହା ନିଜର ପୂର୍ବ ଅବସ୍ଥାରେ ଅକ୍ଷୁର୍ଣ୍ଣ ରହିଛି । ଏଥିରେ କୌଣସି ପରିବର୍ତ୍ତନ ଘଟି ନାହିଁ ।

ହ. ଖଲିଫତୁଲ୍ ମସିହ ଅୱଲ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଲୋକମାନେ ହ. ଉସ୍‌ମାନ୍ ର.ଅଙ୍କୁ ସଂପୂର୍ଣ୍ଣ କୁରଆନ୍ କରୀମ୍‌ର ଆଖ୍ୟା ପ୍ରଦାନ କରନ୍ତି ତାହା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । ହଁ ସେ ପବିତ୍ର କୁରଆନ୍‌କୁ ପ୍ରକାଶ  କରିବା କଥା ଗୋଟିଏ ସୀମା ପର୍ଯ୍ୟନ୍ତ ସଠିକ୍ ଅଟେ । ହ. ଉସ୍‌ମାନ୍ ର.ଅଙ୍କ ଯୁଗରେ ଇସ୍‌ଲାମ୍ ଦୂର ଦୂରାନ୍ତର ପର୍ଯ୍ୟନ୍ତ ପ୍ରସାର ଲାଭ କରିଯାଇଥିଲା । ତେଣୁ ସେ ଅସଲ ପାଣ୍ଡୁଲିପିରୁ ଅବିକଳ ନକଲ ପ୍ରସ୍ତୁତ କରି ମକ୍କା, ମଦିନା, ସିରୀୟା, ବସ୍ରା, କୁଫା ଏବଂ ଅନ୍ୟ ଦେଶକୁ ପ୍ରେରଣ କରିଥିଲେ । ଏକତ୍ରିକରଣ ତ' ଅଲ୍ଲାଃତାଲାଙ୍କ ପସନ୍ଦ ଅନୁଯାୟୀ ହୋଇଥିଲା ଏବଂ କ୍ରମାନ୍ୱୟତାର ସହିତ ଅଲ୍ଲାଃତାଲା ଆଁହଜ଼ରତ ସ.ଅଙ୍କୁ ପ୍ରଦାନ କରିଥିଲେ । ପୁନଶ୍ଚ ଆଁହଜ଼ରତ ସ.ଅ ଆମମାନଙ୍କୁ ଏହି ପବିତ୍ର କୁରଆନ୍ ପ୍ରଦାନ କରିଥିଲେ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଉସ୍‌ମାନ୍ ର.ଅଙ୍କ କାଳରେ ମଦିନା ଦୀର୍ଘ ସମୟ ପର୍ଯ୍ୟନ୍ତ ସମଗ୍ର ମୁସଲମାନ ଦେଶଗୁଡ଼ିକର ରାଜଧାନୀ ମଦିନା ରହିଥିଲା । ସେତେବେଳେ ଏହି ସମସ୍ତ ଜାତି ଗୋଟିଏ ଜାତିରେ ପରିଣତ ହୋଇଥିଲେ । କାରଣ ସେତେବେଳେ ମଦିନାବାସୀ ଶାସକ ଥିଲେ । ଯେଉଁ ଶାସକଗୋଷ୍ଠୀରେ ଏକ ବଡ଼ ସଂଖ୍ୟକ ମକ୍କାବାସୀ ଥିଲେ ଏବଂ ସ୍ୱୟଂ ମଦିନାବାସୀ ମଧ୍ୟ ମକ୍କାବାସୀଙ୍କ ସଙ୍ଗତରେ ରହିବା ହେତୁ ଆରବୀ ଭାଷା ଶିଖି ସାରିଥିଲେ । ଅତଏବ ଆଇନ ପ୍ରଣୟନ ମଦିନାବୀସୀଙ୍କ ପକ୍ଷରୁ ହେଉଥିଲା ଏବଂ ଅର୍ଥ ସେମାନଙ୍କ ହାତମୁଠାରେ ରହିଥିଲା । ତାଏଫ, ନଜଦ୍, ମକ୍କା, ୟମନ୍ ଏବଂ ଅନ୍ୟ ଅଞ୍ଚଳର ଅନେକ ଲୋକ ମଦିନା, ଯାଆସ କରୁଥିଲେ ଏବଂ ମଦିନାର ପ୍ରବାସକାରୀ ଅନ୍‌ସାର୍‌ମାନଙ୍କ ସହିତ ସାକ୍ଷାତ୍ କରୁଥିଲେ ଏବଂ ଧର୍ମ ଶିକ୍ଷା ନେଉଥିଲେ । ଏହିପରି ଭାବରେ ସମସ୍ତ ଦେଶର ଶୈକ୍ଷିକ ଭାଷା ଗୋଟିଏ ଭାଷା ପାଲଟି ଯାଇଥିଲା । ଏତତ୍‌ବ୍ୟତୀତ ଯୁଦ୍ଧ ଯୋଗୁଁ ଆରବର ବିଭିନ୍ନ ସଂପ୍ରଦାୟକୁ ଏକତ୍ରିତି ହେବାର ସୁଯୋଗ ମିଳି ଯାଉଥିଲା । ଯଦିଓ ସାହାବାମାନେ ପଦାଧିକାରୀ ହେଉଥିଲେ ଏବଂ ସେମାନଙ୍କ ସଙ୍ଗତି ଏବଂ ଅନୁକରଣତା ସ୍ୱାଭାବିକ ଇଚ୍ଛାର ପରିପ୍ରକାଶ ଏକ ପ୍ରକାରରେ ଭାଷାରେ ହିଁ ସୃଷ୍ଟି କରିଥିଲା । କାରଣ ସେତେବେଳେ ସମସ୍ତ ବିଦ୍ୱାନ ବ୍ୟକ୍ତି ପବିତ୍ର କୁରଆନ୍‌ର ଭାଷା ସହିତ ସଂପୂର୍ଣ୍ଣ ରୂପେ ଅବଗତ ହୋଇ ସାରିଥିଲେ। ଅତଏବ ହ. ଉସ୍‌ମାନ୍ ଆଦେଶ ଦେଲେ ଯେ, ଭବିଷ୍ୟତରେ କେବଳ ହିଜାଜ଼ି କ଼ିରଅତ୍ (କୁରଆନ୍ ପଠନ ଶୈଳୀ) ପାଠ କରାଯାଉ ଏବଂ ତାହା ବ୍ୟତୀତ ଅନ୍ୟ କୌଣସି କିରଅତ୍ ପଢିବାକୁ ଅନୁମତି ନାହିଁ । ହ. ଉସ୍‌ମାନ୍ ର.ଅଙ୍କ ଏହି ଆଦେଶ ଯୋଗୁଁ ହିଁ ଶୀୟା ଓ ସୁନ୍ନୀ ସଂପ୍ରଦାୟ ପରସ୍ପରର ବିରୋଧ କରିଥାନ୍ତି, ସେମାନେ କହନ୍ତି ସାଂପ୍ରତିକ କୁରଆନ୍ ବୟାଜ଼େ ଉସ୍‌ମାନି ଅଟେ (ଉସମାନ ର.ଅଙ୍କ ଦ୍ୱାରା ପ୍ରସ୍ତୁତ ପାଣ୍ଡୁଲିପି) । କିନ୍ତୁ ଏହି ଆପତ୍ତିଟି ସଂପୂର୍ଣ୍ଣ ରୂପେ ଭୁଲ ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌କୁ ସାତଟି କିରଆତ୍‌ରେ ଅବତୀର୍ଣ୍ଣ କରିଛନ୍ତି । ତୁମେ ଏହି ସାମାନ୍ୟ କଥାକୁ କେନ୍ଦ୍ର କରି ପରସ୍ପର ସହିତ କଳହ କର ନାହିଁ । ଉକ୍ତ ପଠନଗତ ରୀତିରେ ତାରତମ୍ୟ ଏହା ରହିଥିଲା ଯେ, ରସୁଲ୍ କରୀମ୍ ସ.ଅ ଭାବିଲେ ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ହେଉଛନ୍ତି ଜଣେ ନିପଟ ମଫସଲି ବ୍ୟକ୍ତି ଏବଂ ତାଙ୍କର ପଠନ ଶୈଳୀ ଭିନ୍ନ ଅଟେ । ତେଣୁ ତାଙ୍କର ପଠନଗତ ଶୈଳୀ ଅନୁଯାୟୀ ଆଁହଜ଼ରତ ସ.ଅ ତାଙ୍କୁ ସେହି କିରଅତ୍ ପଢାଇଥିଲେ । ହ. ଉମର୍ ର.ଅଙ୍କ ସଂପର୍କରେ ଆଁହଜ଼ରତ ସ.ଅ ଭାବିଲେ ଯେ, ହ. ଉମର୍ ର.ଅ ହେଉଛନ୍ତି ଜଣେ ସହରୀ ସମ୍ଭ୍ରାନ୍ତ ବର୍ଗ ତେଣୁ ତାଙ୍କୁ ପ୍ରକୃତ ମକ୍କି ଭାଷାରେ ଅବତୀର୍ଣ୍ଣ ହୋଇଥିବା କିରଅତ୍ ପଢେଇଥିଲେ । ଅତଏବ ଆଁହଜ଼ରତ ସ.ଅ ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅଙ୍କୁ ତାଙ୍କ ଭାଷାର କିରଅତ୍ ଅନୁଯାୟୀ ସୁରତ୍ ପଢିବାକୁ ଅନୁମତି ପ୍ରଦାନ କରିଥିଲେ ଏବଂ ହ. ଉମର୍ ର.ଅଙ୍କୁ ଅସଲ ଭାଷାରେ ଅର୍ଥାତ ଆରବୀୟ ସହରୀ ଶୈଳୀରେ ସୁରତ୍ ପଢାଇଥିଲେ। ତେଣୁଁ ଏହି ପ୍ରକାରର ଛୋଟ ଛୋଟ ପାର୍ଥକ୍ୟତା ବଡ଼ ସମସ୍ୟା ସୃଷ୍ଟି କରିଥିଲା । ହ. ଉସ୍‌ମାନ୍ ର.ଅଙ୍କ

ଶାସନରେ ସଂସ୍କୃତି ଏବଂ ଶାସନ ମାଧ୍ୟମରେ ସଂପ୍ରଦାୟର ସ୍ଥିତାବସ୍ଥା ଗୋଟିଏ ଜାତି ଏବଂ ଗୋଟିଏ ଭାଷା ଅକ୍ତିଆର କରିଥିଲା । ସମସ୍ତ ଲୋକମାନେ ହିଜାଜି ଭାଷା ସହିତ ପରିଚିତ ହୋଇ ଯାଇଥିଲେ । ସେତେବେଳେ ହ. ଉମର୍ ର.ଅ ଏହାକୁ ସଠିକ୍ ମଣିଥିଲେ କିନ୍ତୁ ବର୍ତ୍ତମାନ ଏହି କିରଅତ୍‌ଗୁଡ଼ିକୁ ଅବ୍ୟାହତ ରଖିବା ବିଭିନ୍ନତାର କାରଣ ହୋଇଯିବ । ତେଣୁ ସେହି କିରଅତ୍‌ଗୁଡ଼ିକର ସାଧାରଣ ବ୍ୟବହାର ବର୍ତ୍ତମାନ ବନ୍ଦ କରିଦେବା ଉଚିତ ।

ହ. ଉସ୍‌ମାନ୍ ର.ଅଙ୍କ କୁରଆନ୍ ସଂପର୍କିତ ଅବଶିଷ୍ଟ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ଆଲୋଚନା କରିବି। ଆଜି ମଧ୍ୟ ମୁଁ ଆପଣମାନଙ୍କୁ ପାକିସ୍ତାନ ଏବଂ ଉଦ୍‌ଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କ ପାଇଁ ଏବଂ ପୃଥିବୀର ପ୍ରତ୍ୟେକ ସ୍ଥାନରେ ପରିବ୍ୟାପ୍ତ ପ୍ରତ୍ୟେକ ଅହେମିମାନେ ଯେଉଁମାନେ ସମସ୍ୟାରେ କବଳିତ, ସେମାନଙ୍କ ନିମନ୍ତେ ଦୁଆ ପାଇଁ କହିବାକୁ ଚାହୁଁଛି । ଅଲ୍ଲାଃତାଲା ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଏବଂ ସମସ୍ୟାକୁ ଦୂରୀଭୂତ କରନ୍ତୁ । ବିଶେଷ କରି ପାକିସ୍ତାନର କଠୋର ଆଇନ ଯୋଗୁଁ ଅହେମଦିମାନଙ୍କ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାମାନ ଉପୁଜି ଥାଏ । ବର୍ତ୍ତମାନ ଅହେମଦିମାନଙ୍କ ପାଇଁ ଆଉ ସେଠାରେ କୌଣସି ସ୍ୱାଧୀନତା ନାହିଁ । ସେହିପରି ଉପଦ୍ୱୀପରେ ମଧ୍ୟ କେତେକ ପ୍ରଶାସନିକ କର୍ତ୍ତୃପକ୍ଷ ମଧ୍ୟ ଅହେମଦିମାନଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରୁଛନ୍ତି । ଅଲ୍ଲାଃତାଲା ଏହି ସମସ୍ତ ସମସ୍ୟାରୁ ଜମାଅତ୍‌କୁ ସୁରକ୍ଷା ପ୍ରଦାନ କରନ୍ତୁ । **ଆମିନ୍** ।

ନମାଜ୍ ଜୁମ୍ମା ପରେ ମୁଁ ଚାଇନା ଡେସ୍କର ନୂତନ ୱେବ୍‌ସାଇଟର ଶୁଭାରମ୍ଭ କରିବି । ଏହି ୱେବ୍‌ସାଇଟଟି କେନ୍ଦ୍ରୀୟ ଆଇ.ଟି. ଦଳର ପ୍ରଚେଷ୍ଟାରେ ପ୍ରସ୍ତୁତ ହୋଇଛି । ଏହି ୱେବ୍‌ସାଇଟ୍ ମାଧ୍ୟମରେ ଲୋକମାନେ ଚୀନ ଭାଷାରେ ଇସ୍‌ଲାମ୍ ଏବଂ ଅହେମଦିୟତ୍ ସଂପର୍କରେ ସବିଶେଷ ବିବରଣୀ ତଥା ଜ୍ଞାନ ପ୍ରାପ୍ତ କରିପାରିବେ । ଅଲ୍ଲାଃତାଲା କରନ୍ତୁ କି ଉକ୍ତ ୱେବ୍‌ସାଇଟଟି ଚୀନ ନାଗରିକଙ୍କ ପାଇଁ ମାର୍ଗଦର୍ଶକର କାରଣ ସାବ୍ୟସ୍ତ ହେଉ ଏବଂ ଇସ୍‌ଲାମ୍ ଓ ଅହେମଦିୟତ୍ ପାଇଁ ସେମାନଙ୍କର ହୃଦୟ ଉନ୍ମୁକ୍ତ ହେଉ ।

ଖୁତ୍‌ବା ଜୁମ୍ମାର ଶେଷ ପର୍ଯ୍ୟାୟରେ ହୁଜୁର ଅନଓ୍ୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଥିଲା ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ୍ ଯନାଜାଃ ପଢେଇବି । ତନ୍ମଧ୍ୟରୁ **ସର୍ବପ୍ରଥମ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବଙ୍କର । ସେ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । **ଦ୍ୱିତୀୟ** ଯନାଜ଼ାଃ ହେଉଛି ଆଇଭାରୀକୋଷ୍ଟର ସମ୍ମାନନୀୟ ସ୍ୱର୍ଗତ ଡ଼ାକ୍ତର ନିଜାମୁଦ୍ଦୀନ ଫର୍ଖ୍ ସାହେବଙ୍କର । **ତୃତୀୟ** ଯନାଜ଼ାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସଲ୍‌ମା ବେଗମ୍ ସାହେବାଙ୍କର । **ଚତୁର୍ଥ** ଯନାଜ଼ାଃ ହେଉଛି ସମ୍ମାନନୀୟା କିଶୋର ତନ୍‌ୱୀର୍ ଅଶ୍ରଫ୍ ସାହେବାଙ୍କର । **ପଞ୍ଚମ** ଯନାଜାଃ ହେଉଛି ସୁଡ଼ାନ୍‌ର ଅବ୍‌ଦୁର ରହମାନ ହୁସୈନ ମୁହମ୍ମଦ ଖୈର୍ ସାହେବଙ୍କର । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ଓଲ୍ ଇହ୍‌ସାନି ଓଇତାଇଜିଲ୍ କୁର୍‌ବା ଓୟନ୍‌ହା ଅନିଲ୍ ଫହ୍‌ଶାଇ ଓଲ୍ ମୁନ୍‌କରି ଓଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.........................

KHULASA KHUTBA JUMA HUZOOR ANWAR a.b.a

2nd April. 2021